# NATIONAL NEWS BULLETIN (ODIA)
## 15 July - 2024
## Morning Bulletin : 7.15 a.m.

************************************

## ମୁଖ୍ୟ ସମ୍ବାଦ

- ସାମାଜିକ ଗଣମାଧ୍ୟମ ଏକ୍ସ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଫଲୋର ସଂଖ୍ୟା ଅତିକ୍ରମ କଲା ୧୦ କୋଟି ।

– ତାଙ୍କ ପଛକୁ ରହିଛନ୍ତି ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ।

- ଜାମ୍ମୁ କାଶ୍ମୀରରେ କ୍ରୀଡ଼ା ଜୈବ ବ୍ୟବସ୍ଥାର ବିକାଶ ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ, କହିଲେ ଯୁବ ବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭ୍ୟ ।
- 'ଆମ ସମ୍ବିଧାନ, ଆମ ସମ୍ମାନ' ଅଭିଯାନର ଦ୍ୱିତୀୟ ଆଞ୍ଚଳିକ କାର୍ଯ୍ୟକ୍ରମ ଉତ୍ତର ପ୍ରଦେଶର ପ୍ରୟାଗରାଜ ଠାରେ ଆସନ୍ତାକାଲି ହେବ ଆୟୋଜିତ ।
- ଜିମ୍ବାୱେ ଗସ୍ତରେ ଯାଇ ଭାରତୀୟ ଦଳ ଘରୋଇ ଦଳକୁ ପଞ୍ଚମ ତଥା ଚୂଡ଼ାନ୍ତ ଟି-୨୦ ମ୍ୟାଚ୍‌ରେ ୪୨ ରନ୍‌ରେ କଲା ପରାସ୍ତ ।

ଏବଂ

● ୱିମ୍ବିଲ୍ଡନ୍ ଟେନିସ୍ ପ୍ରତିଯୋଗିତାର ପୁରୁଷ ସିଙ୍ଗିଲ୍ସ ବର୍ଗରେ ସ୍ପେନ୍‌ର କାର୍ଲସ୍ ଆଲ୍‌କାରାଜ ଚାମ୍ପିୟାନ୍ ।

# ପିଏମ୍-ସୋସିଆଲ୍ ମିଡ଼ିଆ ଫଲୋର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର  ସାମାଜିକ ଗଣମାଧ୍ୟମ ଏକ୍ସ ରେ ଫଲୋର ସଂଖ୍ୟା ୧୦ କୋଟି ଅତିକ୍ରମ କରିଛି । ଏହାଦ୍ୱାରା ଶ୍ରୀ ମୋଦୀ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହିତ ଅନ୍ୟ ଏକ ମାଇଲ୍‌ଖୁଣ୍ଟ ଅତିକ୍ରମ କରିଛନ୍ତି । ଗତ ୩ ବର୍ଷ ମଧ୍ୟରେ ଏହି ଫଲୋର ସଂଖ୍ୟା ୩ କୋଟି ବୃଦ୍ଧି ପାଇଥିବା ଜଣାଯାଇଛି ।

ସାମାଜିକ ଗଣମାଧ୍ୟମ ଏକ୍ସ ରେ ସର୍ବାଧିକ ଫଲୋର ସଂଖ୍ୟା ହାସଲ କରିବା ଦିଗରେ ଶ୍ରୀ ମୋଦୀ ସର୍ବାଗ୍ରେ ରହିଛନ୍ତି । ତାଙ୍କ ପଛକୁ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ରହିଛନ୍ତି ।  ଏହି ସଫଳତା ପରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଜୀବନ୍ତ ମାଧ୍ୟମରେ ତାଙ୍କର ସର୍ବାଧିକ ଫଲୋର ରହିଥିବା ଦୃଷ୍ଟିରୁ ଖୁସି ବ୍ୟକ୍ତ କରିଛନ୍ତି । ଏହି ସାମାଜିକ ଗଣମାଧ୍ୟମ ଦ୍ୱାରା ବିଭିନ୍ନ ତର୍କ ବିତର୍କ ଦ୍ୱାରା ସକାରାତ୍ମକ ସମାଲୋଚନା, ଜନସାଧାରଣଙ୍କର ଚିନ୍ତାଧାରା ଏବଂ ସେମାନଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ସେ

କହିଛନ୍ତି । ଭବିଷ୍ୟତକୁ ଏହି ଧାରା ସେ ଜାରି ରଖିବେ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି ଏହାଦ୍ୱାରା ଶ୍ରୀ ମୋଦୀ ବିଶ୍ୱର ଅପ୍ରତିଦ୍ୱନ୍ଦୀ ନେତା ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି । ତାଙ୍କର ଏହି ସଫଳତା କେବଳ ଏକ ମାନପତ୍ର ମଧ୍ୟରେ ସୀମିତ ନୁହେଁ ବରଂ ବିଶ୍ୱ ସ୍ତରରେ ତାଙ୍କର ସର୍ବାଧିକ ଲୋକପ୍ରିୟତାକୁ ପ୍ରତିପାଦିତ କରୁଛି ବୋଲି ଶ୍ରୀ ଶାହା କହିଛନ୍ତି ।

# ୟୁନିୟନ୍ ସ୍ପୋର୍ଟସ୍ ମିନିଷ୍ଟର

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭ୍ୟ ଜାମ୍ମୁ କାଶ୍ମୀରରେ କ୍ରୀଡ଼ା ଜୈବ ବ୍ୟବସ୍ଥାର ବିକାଶ ଲାଗି କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଗତକାଲି ଶ୍ରୀନଗରଠାରେ **ମାଇଁ ୟୁଥ୍ ମାଇଁ ପ୍ରାଇଡ୍** ଗ୍ରୀଷ୍ମକାଳୀନ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ୨୦୨୪ର ଶୁଭାରମ୍ଭ କରିବା ଅବସରରେ ସେ ଏହା କହିଛନ୍ତି । ଏହି ଅବସରରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଶୁଭେଚ୍ଛା ରାଜ୍ୟବାସୀଙ୍କୁ ଜଣାଇବା ସହ ସେଠାରେ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ପିଲାମାନଙ୍କର ଅଂଶଗ୍ରହଣ ବୃଦ୍ଧି ପାଉଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଥିସହିତ ସେ ବିଭିନ୍ନ ଖେଲୋ ଇଣ୍ଡିଆ କେନ୍ଦ୍ର

ଗୁଡ଼ିକୁ କ୍ରୀଡ଼ା ସାମଗ୍ରୀ ମଧ୍ୟ ବଣ୍ଟନ କରିଛନ୍ତି । ପରେ ଡକ୍ଟର ମାଣ୍ଡଭ୍ୟ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ସ୍ଥାନୀୟ କାଶ୍ମୀର ଲୋକନୃତ୍ୟ ଏବଂ ଡୋଗ୍ରୀ ଲୋକନୃତ୍ୟକୁ ପ୍ରଶଂସା କରିଛନ୍ତି ।

## ହମାରା ସମ୍ବିଧାନ ଇଭେଣ୍ଟ

'ଆମ ସମ୍ବିଧାନ, ଆମ ସମ୍ମାନ' ଅଭିଯାନର ଦ୍ୱିତୀୟ ଆଞ୍ଚଳିକ କାର୍ଯ୍ୟକ୍ରମ ଆସନ୍ତାକାଲି ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଆୟୋଜନ ହେବ । ଏଥିରେ ନ୍ୟାୟ ପାଇବା ଲାଗି ନୂଆ ସମାଧାନର ରୂପରେଖ ପ୍ରସ୍ତୁତ ନିମନ୍ତେ କାର୍ଯ୍ୟକ୍ରମ ଆୟୋଜନ ହେବ । ଭାରତୀୟ ସମ୍ବିଧାନକୁ ଆପଣେଇବା ଏବଂ ଭାରତକୁ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ୭୫ ବର୍ଷ ପୂରଣ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସମ୍ବିଧାନକୁ ବୁଝିବା ଏବଂ ଆଇନର ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମରେ ନାଗରିକମାନଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିବା ସହ ଆମ ସମ୍ବିଧାନ, ଆମ ସମ୍ମାନ ପୋର୍ଟାଲ୍‌ର ଶୁଭାରମ୍ଭ କରାଯିବ । ଏହି ପୋର୍ଟାଲ୍ ଜରିଆରେ ନାଗରିକମାନେ ସମ୍ବିଧାନ ଏବଂ ଆଇନର ଅଧିକାର ସମ୍ପର୍କିତ ସୂଚନା ସହଜରେ ପାଇପାରିବେ । ଏହି ଅଭିଯାନ ସହ ଅନ୍ୟ କେତେକ ଅଭିଯାନର ଶୁଭାରମ୍ଭ କରାଯିବ ବୋଲି ନ୍ୟାୟ ମନ୍ତ୍ରଣାଳୟ କହିଛି ।

## ସିୟୁଇଟି

ସ୍ନାତକ ପାଠ୍ୟକ୍ରମ ଲାଗି ଉଦ୍ଦିଷ୍ଟ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା - **CUET (UG)** ର ପ୍ରଭାବିତ ପରୀକ୍ଷାର୍ଥୀଙ୍କର ପୁନଃ ପରୀକ୍ଷା କରାଇବା ଲାଗି ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ଘୋଷଣା କରିଛି । ଏହି ପରୀକ୍ଷା କମ୍ପ୍ୟୁଟର ମାଧ୍ୟମରେ ଆସନ୍ତା ୧୯ ତାରିଖ ଦିନ ଅନୁଷ୍ଠିତ ହେବ । ସଂପୃକ୍ତ ପରୀକ୍ଷାର୍ଥୀଙ୍କ ନିକଟକୁ ଏ ସଂପର୍କିତ ତଥ୍ୟ ଇ-ମେଲ୍ ମାଧ୍ୟମରେ ପଠାଇ ଦିଆଯାଇଛି ବୋଲି ଏନ୍‌ଟିଏ କହିଛି । ମିଳିଥିବା ସୂଚନା ଅନୁଯାୟୀ ପ୍ରଭାବିତ ପରୀକ୍ଷାର୍ଥୀଙ୍କର ଆଡ୍‌ମିଟ୍ କାର୍ଡ ଖୁବ୍ ଜଲ୍‌ଦି ଜାରୀ କରାଯିବ । ସଂପୃକ୍ତ ବିଷୟ  ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ପରୀକ୍ଷାର ଉତ୍ତର ଗୁଡ଼ିକୁ ପରେ ଅଫିସିଆଲ୍ ଓ୍ୱେବ୍‌ସାଇଟ୍‌ରେ ଅପ୍‌ଲୋଡ଼ କରାଯିବ । ଏହି ପରୀକ୍ଷା ଗତମାସରେ ଦେଶ ତଥା ଦେଶ ବାହାରେ ମୋଟ୍ ୪୦୫ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଆଜି ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି  **ଉଚ୍ଚ ରକ୍ତଚାପ ନିୟନ୍ତ୍ରଣର ଉପାୟ ଏବଂ ଏହାର ସମାଧାନ** । ଦିଲ୍ଲୀ ଏମ୍‌ସର ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡକ୍ଟର ରାକେଶ ଯାଦବ ଏବଂ ଖାଦ୍ୟ ତତ୍ତ୍ୱବିଦ୍ ଡକ୍ଟର ରିଚା ଜୟସ୍ୱାଲ ଏହି ଆଲୋଚନାରେ

ବିଶେଷଜ୍ଞ ଭାବେ ଅଂଶ ଗ୍ରହଣ କରି ଶ୍ରୋତାମାନେ ବିଭିନ୍ନର ଉତ୍ତର ଦେବେ । ଶ୍ରୋତାମାନେ 011-23421050 ଓ 011-23314444 ନମ୍ବରରେ ରାତି ୯ଟା ୩୦ ମିନିଟ୍ ପରଠାରୁ ଫୋନ୍ କରି ନିଜର ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ କରି କିମ୍ବା ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ହାସଟ୍ୟାଗ୍ ଆସ୍କ ଏୟାର୍ ସହିତ ପ୍ରଶ୍ନ ପଠାଇ ପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍ସାଇଟ୍ news on air.gov.in ଓ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଅମରନାଥ ଯାତ୍ରା

ଅମରନାଥ ଗୁମ୍ଫା ଦର୍ଶନ କରିବା ନିମନ୍ତେ ୪ ହଜାର ୮୭୫ ଜଣ ଶ୍ରଦ୍ଧାଳୁଙ୍କର ଏକ ଦଳ ଗତକାଲି ଜାମ୍ମୁ ସ୍ଥିତ ଭଗବତୀନଗର ଯାତ୍ରୀ ନିବାସରୁ କାଶ୍ମୀର ଉପତ୍ୟକା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଆଜି ପ୍ରତ୍ୟୁଷରୁ ୧୬୨ଟି ଯାନ ଦ୍ୱାରା ଏହି ଶ୍ରଦ୍ଧାଳୁମାନେ ଯାତ୍ରା କରିଛନ୍ତି। ସେମାନଙ୍କ ମଧ୍ୟରେ ୩ ହଜାର ୪୬୪ ଜଣ ପୁରୁଷ, ୧ ହଜାର ୩୩୩ ମହିଳା, ୧୪ ଜଣ ଶିଶୁ, ୫୭ ଜଣ ସାଧୁ ଏବଂ ୭ ଜଣ ସାଧ୍ୱୀ ରହିଥିବା ଜଣାଯାଇଛି । ସେମାନଙ୍କ ମଧ୍ୟରେ ୧ ହଜାର ୯୧୮ ଜଣ ଶ୍ରଦ୍ଧାଳୁ ଆଜି ଭୋର ୩ଟା ୫ ମିନିଟ୍ ସମୟରେ ବାଲତାଲ୍ ମୂଳ ଶିବିର ଅଭିମୁଖେ ଏବଂ

ଭୋର ୩ଟା ୫୦ ମିନିଟ୍ ସମୟରେ ୨ ହଜାର ୯୫୭ ଜଣ ପହଲଗାମ୍ ମୂଳ ଶିବିର ଅଭିମୁଖେ ଯାତ୍ରା କରିଛନ୍ତି ।

## ଶାହା-ଏମ୍‌ପି

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗତକାଲି ମଧ୍ୟପ୍ରଦେଶର ୫୫ଟି ଜିଲ୍ଲାରେ ଭର୍ଚୁଆଲ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଉତ୍କର୍ଷ ମହାବିଦ୍ୟାଳୟ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା ନୂତନ ଶିକ୍ଷାନୀତି ଉପରେ ଗୁରୁତ୍ୱାରୋପ କରିବା ସହିତ ଏହା ଭାରତୀୟ ଶିକ୍ଷାର୍ଥୀଙ୍କୁ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବା ନିମନ୍ତେ ସାମର୍ଥ୍ୟ ଯୋଗାଇବା ସହିତ ଦେଶର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଏବଂ ଭାଷା ସଂପର୍କରେ ପୁନଃ ସଂଯୋଗ କରାଇ ପାରିବ ବୋଲି ମତବ୍ୟକ୍ତ କରିଛନ୍ତି । ନୂତନ ଶିକ୍ଷାନୀତି ମାଧ୍ୟମରେ ରାଜ୍ୟରେ  ଶିକ୍ଷାର୍ଥୀଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବା ପ୍ରଧାନମନ୍ତ୍ରୀ ଉତ୍କର୍ଷ ମହାବିଦ୍ୟାଳୟ ସ୍ଥାପନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି । ଏଥିସହିତ ମଧ୍ୟପ୍ରଦେଶ ଦେଶର ସର୍ବୋତ୍ତମ ରାଜ୍ୟ ଭାବେ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ କରିବା ସହିତ ମେଡ଼ିକାଲ ଏବଂ ଇଂଜିନିୟରିଂ ପାଠ୍ୟକ୍ରମକୁ ହିନ୍ଦୀ ଭାଷାରେ ଉପଲବ୍ଧ କରାଇ ପାରିଥିବାରୁ ଶ୍ରୀ ଶାହା ଏହାର ପ୍ରଶଂସା କରିଛନ୍ତି ।

ଏହା ଦ୍ୱାରା ଆର୍ଥିକ ଅନଗ୍ରସର ବର୍ଗର ପିଲାମାନେ ଉପକୃତ ହୋଇପାରିଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

ଆମର ସମ୍ବାଦଦାତା ଜଣାଇଛନ୍ତି ଗତକାଲି ରାଜ୍ୟରେ ପ୍ରଧାନମନ୍ତ୍ରୀ ଉତ୍କର୍ଷ ମହାବିଦ୍ୟାଳୟ ସ୍ଥାପନ ସହିତ ଗତକାଲି **ମା'ଙ୍କ ନାମରେ ଗଛଟିଏ** ଯୋଜନା ଅଧୀନରେ କେବଳ ଇନ୍ଦୋରରେ ୧୧ ଲକ୍ଷ ଚାରା ରୋପଣ କରାଯାଇଛି । ଗତ ୭ ବର୍ଷ ଧରି ସ୍ୱଚ୍ଛତା କ୍ଷେତ୍ରରେ ମଧ୍ୟପ୍ରଦେଶର ଇନ୍ଦୋର ସହର ଅଗ୍ରଣୀ ଭୂମିକା ନିଭାଇ ଆସିଛି ବୋଲି ଆମ ସମ୍ବାଦାଦତା ଜଣାଇଛନ୍ତି ।

# ଟେନିସ୍

ୱିମ୍ବିଲ୍‌ଡନ୍ ଟେନିସ୍ ପ୍ରତିଯୋଗିତାର ପୁରୁଷ ସିଙ୍ଗିଲ୍‌ସ ବର୍ଗରେ ସ୍ପେନ୍‌ର କାର୍ଲସ୍ ଆଲ୍‌କାରାଜ ଚାମ୍ପିୟାନ୍ ହୋଇଛନ୍ତି । ଗତକାଲି ଅନୁଷ୍ଠିତ ସେମିଫାଇନାଲ୍‌ରେ କାର୍ଲସ୍ ଆଲ୍‌କାରାଜ ୭ ଥର ଚମ୍ପିୟାନ୍ ସର୍ବିୟାର ନୋଭାକ୍ ଜୋକୋଭିକ୍‌ଙ୍କୁ *୬-୨, ୬-୨, ୭-୬* ସେଟ୍‌ରେ ପରାସ୍ତ କରିଛନ୍ତି ।

ମିକ୍ସଡ ଡବଲ୍‌ସ ବର୍ଗରେ ପୋଲାଣ୍ଡ ଓ ତାଇୱାନ୍‌ର ଜାନ୍ ଜେଲେନ୍‌ସ୍କି ଏବଂ ସି ସୁ ୱି ଙ୍କ ଯୋଡ଼ି ଚଳିତ ଋତୁରେ ଦ୍ୱିତୀୟ ଗ୍ରାଣ୍ଡ୍‌ସ୍ଲାମ୍ ଟାଇଟଲ୍ ହାସଲ କରିଛନ୍ତି। ସେମାନେ ମେକ୍ସିକୋର ଗିଉଲିଆନା ଓଲମସ୍ ଏବଂ

ସାଣ୍ଟିଆଗୋ ଗୋଞ୍ଜାଲେଜ୍ ଯୋଡ଼ିକୁ ୬-୪, ୬-୨ ସେଟ୍‌ରେ ସିଧାସଳଖ ପରାସ୍ତ କରିଛନ୍ତି ।

## ୟୁରୋକପ୍

ସ୍ପେନ୍ ୟୁରୋକପ୍-୨୦୨୪ ଫୁଟ୍‌ବଲ୍ ଚମ୍ପିୟାନ୍ ହୋଇଛି । ଗତକାଲି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ସ୍ପେନ୍ ଇଂଲଣ୍ଡକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଏଥିସହିତ ସ୍ପେନ୍ ପକ୍ଷରୁ ନିକୋ ୱିଲିୟମ୍‌ସ ଏବଂ ମାଇକେଲ୍ ଓୟାରଜାବାଲ୍ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ଇଂଲଣ୍ଡ ପକ୍ଷରୁ କୋଲେ ପାମର୍ ଗୋଟିଏ ଗୋଲ୍ ସ୍କୋର କରିଥିଲେ ।

## କ୍ରିକେଟ୍

ଜିମ୍ବାୱେ ଗସ୍ତରେ ଯାଇ ଭାରତୀୟ ଦଳ ଘରୋଇ ଦଳକୁ ପଞ୍ଚମ ତଥା ଚୂଡ଼ାନ୍ତ ଟି-୨୦ ମ୍ୟାଚ୍‌ରେ ୪୨ ରନ୍‌ରେ ପରାସ୍ତ କରିଛି । ଗତକାଲି ହରାରେ ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ୪-୧ରେ ସିରିଜ୍ ହାସଲ କରିଛି । ଟସ୍ ଜିତି ଜିମ୍ବାୱେ ପ୍ରଥମେ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୬୭ ରନ୍ କରିଥିଲା । ୧୬୮ ରନ୍‌ର ବିଜୟଲକ୍ଷ୍ୟ ପିଛା କରି ଜିମ୍ବାୱେ ୧୮ ଓଭର୍ ୩ଟି ବଲ୍‌ରେ ୧୨୫ ରନ୍‌କରି ଅଲ୍ ଆଉଟ୍ ହୋଇଯାଇଥିଲା । ଭାରତର ଶିବମ୍ ଦୁବେ ଅଲ୍ ରାଉଣ୍ଡ ପ୍ରଦର୍ଶନ ପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ମୋଟ୍ ୮ଟି ୱିକେଟ୍

ନେଇଥିବା ଓ୍ୱାଶିଂଟନ୍ ସୁନ୍ଦର ପ୍ଲେୟାର ଅଫ୍ ଦି ସିରିଜ୍ ଘୋଷିତ ହୋଇଛନ୍ତି ।